**ପ୍ରେସ ଇସ୍ତାହାର**

**ବାଣିଜ୍ୟକର ଏବଂ ଜିଏସଟି କମିଶନରରେଟ, ଓଡିଶା, କଟକ**

**ଓଡିଶା ସରକାର**

**ମୋଟ ଜିଏସଟି ସଂଗ୍ରହରେ ୧୫.୧୪ ପ୍ରତିଶତ ଅଭିବୃଦ୍ଧି**

୨୦୨୩ ମସିହା ମାର୍ଚ୍ଚ ମାସରେ ଓଡିଶା ମୋଟ ଜିଏସଟି ବାବଦକୁ ୪୭୪୯.୦୨ କୋଟି ଟଙ୍କା ସଂଗ୍ରହ କରିଛି । ୨୦୨୨ ମସିହା ମାର୍ଚ୍ଚ ମାସରେ ଏହି ସଂଗ୍ରହ ପରିମାଣ ଥିଲା ୪୧୨୪.୬୬ କୋଟି ଟଙ୍କା । ଏ କ୍ଷେତ୍ରରେ ଗତ ବର୍ଷର ମାର୍ଚ୍ଚ ମାସ ତୁଳନାରେ ୧୫.୧୪% ଅଭିବୃଦ୍ଧି ଘଟିଛି । ପୁନଶ୍ଚ ୨୦୨୩ ମସିହା ମାର୍ଚ୍ଚ ମାସର ମୋଟ ଜିଏସଟି ବାବଦକୁ ହୋଇଥିବା ସଂଗ୍ରହ ହେଉଛି ଦ୍ୱିତୀୟ ସର୍ବାଧିକ ସର୍ବକାଳୀନ ସଂଗ୍ରହ ।

ସେହିପରି ରାଜ୍ୟ ଜିଏସଟି (ଓଜିଏସଟି) ଓ ସମନ୍ୱିତ ଜିଏସଟି (ଆଇଜିଏସଟି) ଫଇସଲା ବାବଦକୁ ୨୦୨୩ ମସିହା ମାର୍ଚ୍ଚ ମାସରେ ଓଡିଶାକୁ ମିଳିବାକୁ ଥିବା ଜିଏସଟି ପରିମାଣ ହେଉଛି ୧୯୭୭.୪୫ କୋଟି ଟଙ୍କା । ୨୦୨୨ ମସିହା ମାର୍ଚ୍ଚ ମାସରେ ଏହି ରାଶି ଥିଲା ୧୭୦୯.୧୪ କୋଟି ଟଙ୍କା। ଫଳରେ ଏ କ୍ଷେତ୍ରରେ ୧୫.୬୯ ପ୍ରତିଶତ ଅଭିବୃଦ୍ଧି ଘଟିଛି ।

ଅପର ପକ୍ଷରେ ୨୦୨୨-୨୩ ଆର୍ଥିକ ବର୍ଷରେ ରାଜ୍ୟ ପାଇବାକୁଥିବା ମୋଟ ଜିଏସଟି ପରିମାଣ ୧୮୭୬୬.୫୮ କୋଟି ଟଙ୍କା ହୋଇଥିବାବେଳେ ୨୦୨୧-୨୨ ଆର୍ଥିକ ବର୍ଷରେ ଏହି ପରିମାଣ ଥିଲା ୧୬୩୯୨.୨୪ କୋଟି ଟଙ୍କା । ଏ କ୍ଷେତ୍ରରେ ୧୪.୪୮ ପ୍ରତିଶତ ଅଭିବୃଦ୍ଧି ଘଟିଛି ।

୨୦୨୩ ମସିହା ମାର୍ଚ୍ଚ ମାସରେ ପେଟ୍ରୋଲ ଓ ମଦରୁ ୧୯୧୭.୨୯ କୋଟି ଟଙ୍କାର ଭାଟ ରାଜସ୍ୱ ସଂଗ୍ରହ କରାଯାଇଥିବାବେଳେ ୨୦୨୨ ମସିହା ମାର୍ଚ୍ଚ ମାସରେ ଏହି ସଂଗ୍ରହ ପରିମାଣ ଥିଲା ୧୬୯୩.୫୩ କୋଟି ଟଙ୍କା । ଫଳରେ ଏ କ୍ଷେତ୍ରରେ ୧୩.୨୧ ପ୍ରତିଶତ ଅଭିବୃଦ୍ଧି ଘଟିଛି ।

ସେହିପରି ୨୦୨୨-୨୩ ଆର୍ଥିକ ବର୍ଷରେ ୧୧୯୭୪.୬୫ କୋଟି ଟଙ୍କାର ଭାଟ ରାଜସ୍ୱ ସଂଗ୍ରହ କରାଯାଇଥିବାବେଳେ ୨୦୨୧-୨୨ ଆର୍ଥିକ ବର୍ଷରେ ଏହି ସଂଗ୍ରହ ପରିମାଣ ଥିଲା ୯୯୬୫.୬୦ କୋଟି ଟଙ୍କା। ଏ କ୍ଷେତ୍ରରେ ୨୦.୧୬ ପ୍ରତିଶତ ଅଭିବୃଦ୍ଧି ହାସଲ ହୋଇ ପାରିଛି ।

ରାଜ୍ୟ ବାଣିଜ୍ୟକର ଏବଂ ଜିଏସଟି ସଂସ୍ଥା ଦ୍ୱାରା ସଂଗ୍ରହ କରାଯାଇଥିବା ବିଭିନ୍ନ ଟିକସ (ଜିଏସଟି, ଭାଟ, ବୃତ୍ତିଗତ କର, ପ୍ରବେଶ ଶୁଳ୍କ) ବାବଦକୁ ରାଜସ୍ୱ ପରିମାଣ ୨୦୨୨-୨୩ ଆର୍ଥିକ ବର୍ଷରେ ୩୧୧୫୮.୩୩ କୋଟି ଟଙ୍କା ହୋଇଥିବାବେଳେ ୨୦୨୧-୨୨ ଆର୍ଥିକ ବର୍ଷରେ ଏହା ଥିଲା ୨୬୭୫୬.୧୮ କୋଟି ଟଙ୍କା। ଫଳରେ ଏ କ୍ଷେତ୍ରରେ ୧୬.୪୫ ପ୍ରତିଶତ ଅଭିବୃଦ୍ଧି ଘଟିଛି ।

ଇ-ୱେବିଲ ନିର୍ଗମନ କ୍ଷେତ୍ରରେ ମଧ୍ୟ ୧୭.୯୩ ପ୍ରତିଶତ ଅଭିବୃଦ୍ଧି ଘଟିଛି । ୨୦୨୩ ମସିହା ମାର୍ଚ୍ଚ ମାର୍ଚ୍ଚ ମାସରେ ୨୧.୯୧ ଲକ୍ଷ ସଂଖ୍ୟକ ଇ-ୱେବିଲ ନିର୍ଗମନ କରାଯାଇଥିବାବେଳେ ୨୦୨୨ ମସିହା ମାର୍ଚ୍ଚ ମାସରେ ୧୮.୫୮ ଲକ୍ଷ ଇ-ୱେବିଲ ନିର୍ଗମନ କରଯାଇଥିଲା ।




